# Akashvani, Sambalpur

## SAMBALPURI NEWS BULLETIN

### 15 July 2025- 6.47- 6.52 am.

*************************************************

ରାଷ୍ଟ୍ରପତି -ଓଡ଼ିଶା                    ଆର୍‌ଏନ୍‌ୟୁ/ ସମ୍ବଲପୁର/ I&PR

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତର୍ ଦୁଇ ନମ୍ବର୍ ଦିନେ ଆଏଜ୍ ସଖାଲ୍‌ବେଲା କଟକ୍‌ର ରେଭେନ୍ସା ବିଶ୍ୱବିଦ୍ୟାଳୟର୍ ସମାବର୍ତ୍ତନ୍ ଉସ୍ଥବ୍‌ଥି ଯୋଗ୍ ଦେବେ । ତାର୍ ଉତ୍‌ରୁ କଟକ୍ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର୍ ଉନ୍ନତିକରଣ୍ କାମ୍‌ର ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଉପର୍‌ବେଲା ରାଷ୍ଟ୍ରପତି କଟକ୍ ସାରଳା ଭବନ୍ ନ ହେବାର୍‌କେ ଥିବାର୍ ଆଦିକବି ସାରଳା ଦାସଙ୍କର୍ ୬ ଶହ ତମ ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି କଳିଙ୍ଗ ରତ୍ନ ପୁରସ୍କାର୍ ୨୦୨୪ ଦେବେ । ବେଲ୍‌ବୁଡ଼େ ରାଷ୍ଟ୍ରପତି ଦିଲ୍ଲୀ ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଗଲାକାଏଲ୍ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବ୍‌ନେଶ୍ୱର୍ ଏମ୍ସର ୫ ନମ୍ବର୍ ସମାବର୍ତ୍ତନ୍ ଉସ୍ଥବ୍‌ଥି ଯୋଗ୍ ଦେଇକରି ୬ ଶହ ୪୩ ଝନ୍ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଦେବାର୍ ସହେତେ ୩୧ ଝନ୍‌କୁ ସ୍ୱର୍ଣ୍ଣପଦକ୍ ଭିଲ୍ ଦେଇଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଏମ୍ସ ଭୁବ୍‌ନେଶ୍ୱର୍‌ର ୧୨ ବଛ୍‌ରର୍ ଉଲ୍ଲେଖନୀୟ ପ୍ରଗତିକେ ନେଇକରି ପ୍ରଶଂସା କରିଛନ୍ ।

ଉପମୁଖ୍ୟମନ୍ତ୍ରୀ-ଗ୍ରୀଡ୍କୋ ସମୀକ୍ଷା I&PR

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗ୍ରୀଡ୍‌କୋର୍ ସବୁ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରିଛନ୍ । ରାଏଜେ ଶକ୍ତିର୍ ଭିତିଭୂମି ବର୍‌କସ୍ କରିକରି ସବୁଜ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ଓଡ଼ିଶାର୍ ଥିତି ମଜ୍‌ବୁତ୍ ଅଛେ । ଇ ଦିଗେ ଆହୁରି ଆଗ୍‌କେ ବଢ଼୍‌ବାର୍ ଲାଗି ପ୍ରକଳ୍ପମାନ୍‌କର୍ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପରାମର୍ଶଦାତା ପରିଚାଳନା କମିଟି ବୈଠକ I&PR

ରାଜ୍ୟର୍ ନିଯୁକ୍ତିଭିତିକ୍ ରପ୍ତାନୀ ଏଛେନ୍ ୧ ଲାଖ୍ କୋଟି ଥିଲା ବେଲ୍‌କେ ଭିଜନ୍ ଡକ୍ୟୁମେଂଟ୍ ୨୦୩୬ ଅନ୍‌ସାରେ ଇଟା ସାଢ଼େ ୪ ଲାଖ୍ କୋଟି ଆଉ ୨୦୪୭ ବେଲ୍‌କେ ୨୭ ଲାଖ୍ କୋଟି କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍ । ସମାବେଶୀ ବିକାଶ୍ ଲାଗି ରଣନୈତିକ୍ ପ୍ରସ୍ତୁତି ଦିଗେ ପରାମର୍ଶଦାତା ପରିଚାଳନା କମିଟିର୍ ବୈଠକ୍‌ଥି ଗଲାକାଏଲ୍ ଅଧ୍ୟକ୍ଷତା କରିକରି ଶ୍ରୀମତୀ ଗର୍ଗ ଇଟା କହିଛନ୍ ।

ବୈଠକ୍‌ରୁ  ଅର୍ଥନୈତିକ୍ ସର୍ବେକ୍ଷଣ୍ ୨୦୨୫-୨୬ ର ରୂପରେଖ ଆଉ ନିଯୁକ୍ତି ତିଆର୍ କରୁଥିବା ରପ୍ତାନୀ ଭିତିକ ଅଭିବୃଦ୍ଧିର୍ ଲାଗି ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଏଫ୍‌ଏମ୍ ଛାତ୍ରୀ ମୃତ		I&PR

ଆତ୍ମାହୁତି ଉଦ୍ୟମ୍ କରିଥିବା ବାଲେଶ୍ୱର୍ ଫକୀର୍ ମୋହନ୍ କଲେଜ୍ ଛାତ୍ରୀଙ୍କର୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଏମ୍ସ ଡାକ୍ତର୍‌ଖାନା ନ ଚିକିତ୍ସାଧୀନ୍ ଅବସ୍ଥାଥି ଜୀବନ୍ ଯାଇଛେ । ସ୍ୱତନ୍ତ୍ର ଡାକ୍ତରୀ ଦଲର୍ ବହୁତ୍ ଚେଷ୍ଟା ସତ୍ୱେ ଦେହର୍ ୯୦ ପ୍ରତିଶତ୍‌ନୁ ଅଏତ୍‌କା ପୁଡ଼ିଯାଇଥିବାର୍‌ନୁ ତାଙ୍କର୍ ମୃତ୍ୟୁ ହେଇଥିବା ଜନାପଡ଼ିଛେ । ଘଟ୍‌ନା ବାବ୍‌ଦେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ସୂଚ୍‌ନା ଦେବାର୍ ସହେତେ ଦୋଷୀମାନ୍‌କର୍ ବିରୋଧ୍‌ଥି ଶୂନ୍ୟ ସହନଶୀଳ ନୀତି ଅପ୍‌ନା ଯାଇକରି କଡ଼ା ଦଣ୍ଡବିଧାନ୍ ପ୍ରକ୍ରିୟା ମୁଲ୍ ହେଇଛେ ବଲି କହିଛନ୍ । ସେଆଡ଼େ ଗଲାକାଏଲ୍ ଏମ୍ସ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବାର୍ ଉତ୍‌ରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡାକ୍ତର୍‌ଖାନା ପରିସର୍ ନ ଛାତ୍ରୀଙ୍କର୍ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ ।

ଆଭ୍ୟନ୍ତରିଣ୍ ଅଭିଯୋଗ୍ କମିଟି		I&PR

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସବୁ ବିଶ୍ୱବିଦ୍ୟାଲୟ ଆଉ ମହାବିଦ୍ୟାଲୟ ନ ଆଭ୍ୟନ୍ତରିଣ୍ ଅଭିଯୋଗ୍ କମିଟିର୍ କାର୍ଯ୍ୟକାରିତା ବାବ୍‌ଦେ ୨୪ ଘଂଟା ଭିତ୍‌ରେ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇତାର୍‌ସହେତେ କମିଟିର୍ ସବୁ ସଦସ୍ୟମାନ୍‌କର ନାଁ ଆଉ ଫୋନ୍ ନମ୍ବର୍ ବିଭାଗ୍‌ର ପୋର୍ଟାଲ୍‌ଥି ଅପ୍‌ଲୋଡ୍ କରିକରି ବିଶ୍ୱବିଦ୍ୟାଲୟ ଆଉ ମହାବିଦ୍ୟାଲୟ ପରିସର୍ ନ ଥିବା ପ୍ରମୁଖ ଜାଗା ମାନ୍‌କେ ଇତାକେ ପ୍ରଦର୍ଶନ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ସେନ୍ତା କର୍ମକ୍ଷେତ୍ର ନ ହେଉଥିବା ଯୌନ ନିର୍ଯ୍ୟାତନା ବାବ୍‌ଦେ ସଚେତନ୍‌ତା ଆଉ ଇତାର୍ ନିରାକରଣ୍ କର୍‌ବାର୍ ଲାଗି ତୁର୍‌ତି କର୍ମଶାଳାମାନ୍ ଆୟୋଜନ୍ କର୍‌ବାର୍ ଲାଗି ଭିଲ୍ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଶ୍ୱବିଦ୍ୟାଲୟର୍ ରେଜିଷ୍ଟ୍ରାର୍ ଆର୍ ମହାବିଦ୍ୟାଲୟର୍ ଅଧ୍ୟକ୍ଷ ମାନ୍‌କୁ ଚିଠି କରାଯାଇଛେ ।

ପ୍ରଶିକ୍ଷକଙ୍କର୍ ତାଲିମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ପ୍ରଶିକ୍ଷକଙ୍କର୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ବିଶ୍ୱ ଦକ୍ଷତା କେନ୍ଦ୍ର ଆଉ ବିହାର୍ ଦକ୍ଷତା ମିଶନ୍ ଭିତ୍‌ରେ ହେଇଥିବା ରାଜିନାମା ଆଧାର୍‌ଥି ଇ କାର୍ଯ୍ୟକ୍ରମ୍ ଦୁଇ

ହପ୍ତା ଧରିକରି ଚାଲିଥିଲା । ଇଥି ୩୪ ଝନ୍ ପ୍ରଶିକ୍ଷକ୍‌ଙ୍କୁ ତାଲିମ୍ ଦିଆଯାଇଥିଲା ।

ଟିକେଟ୍ ବୁକିଂ- ଆଧାର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ରେଲ୍‌ବାଇ ତର୍‌ଫୁ ଆଏଜ୍‌ଠାନୁ ଟିକେଟ୍ ବୁକିଂ କର୍‌ବାର୍ ଲାଗି ଆଇ.ଆର୍.ସି.ଟି.ସି ୱେବ୍‌ସାଇଟ୍ ଆଉ ଆପ୍‌ଥି ଆଧାର୍ ପ୍ରମାଣ୍ ବାଧ୍ୟତାମୂଲକ୍ କରାଯାଇଛେ । ଇତାର୍‌ଛଡ଼ା ତହାଲ୍ ଟିକେଟ୍ ବୁକିଂ ଲାଗି ଆଧାର୍ ନମ୍ବର୍ ସହେତେ ଓଟିପି ଭିଲ୍ ଦର୍‌କାର୍ ପଡ୍‌ବା ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଏକ୍ସିଅମ୍ - ୪        ଆର୍‌ଏନ୍‌ୟୁ/ ସମ୍ବଲପୁର

ଏକ୍ସିଅମ୍ - ୪ ମିଶନ୍‌ଥି ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ର-ଆଇଏସ୍‌ଏସ୍ କେ ଯାଇଥିବା ଭାରତୀୟ ମହାକାଶ୍‌ଚାରୀ ଗ୍ରୁପ୍ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ଆଉ ଅଲ୍‌ଗା ୩ ଝନ୍ ସଦସ୍ୟ ଆଏଜ୍  ଭାରତୀୟ ସମିଆ ଅନ୍‌ସାରେ ଉପର୍‌ବେଲା ୩ ବଜେ ପୁର୍‌ଥି ପୃଷ୍ଠ ନ ପୁହୁଁଚିବେ । ଗଲାକାଏଲ୍ ଉପର୍‌ବେଲା ସାଢ଼େ ୪ ବଜେ ଅନ୍ ଡକିଂ ପ୍ରକ୍ରିୟା ଶେଷ୍ ହେବାର୍ ଉତ୍‌ରୁ କ୍ରୁ ସଦସ୍ୟମାନେ ମହାକାଶ୍‌ନୁ ପୁର୍‌ଥିକେ ତାଙ୍କର୍ ଯାତ୍ରା ମୁଲ୍ କରିଛନ୍ ।

ବିଶ୍ୱ ଯୁବକୌଶଲ୍ ଦିବସ ଆର୍ଏନ୍ୟୁ / ସମ୍ବଲପୁର

ଫିଁ’ ଦେଶର୍ ଭବିଷ୍ୟତ୍ ଇତାର୍ ଯୁବ ପିଢ଼ି ଉପ୍ରେ ନିର୍ଭର୍ କର୍ସି । ଯୁବ ବର୍ଗର୍ ଦକ୍ଷତା ଜରିଏ, ସେମାନ୍କର୍ ପରିବାର୍ ସମାଜ୍ ଆର୍ ଦେଶ୍ର ଉନ୍ନତିଥି ସାହାଜ୍ କର୍ସି । ଯୁବପିଢ଼ିର୍ ଦକ୍ଷତା ଆଉ ଦେଶ୍ ନିର୍ମାଣ୍ ଦିଗେ ଯୋଗ୍ଦାନ୍କେ ସମ୍ମାନ୍ ଜନେଇକରି ଫିଁ’ ବଛର୍ ଜୁଲାଇ ୧୫ ତାରିକ୍ଖେ ବିଶ୍ୱ ଯୁବକୌଶଲ୍ ଦିବସ୍ ଭାବେ ପାଲନ୍ କରାଯାଏସି । ଇ ଦିବସ୍ ପାଲନ୍ ଲାଗି ମିଲିତ ଜାତିସଂଘ ନ ଶ୍ରୀଲଙ୍କା ଦେଇଥିବା ପ୍ରସ୍ତାବ୍କେ ୨୦୧୪ ନଭେମ୍ବର୍- ୧୧ ତାରିଖ୍ ଦିନ ଗୃହିତ୍ କରାଯାଇଥିଲା ।

ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ରାମେଶ୍ୱର୍ ଷ୍ଟାଡ଼ିୟମ୍ ପରିସର୍ ନ ଥିବା ବିଜୁ ପଟ୍ଟନାୟକ୍ ସନ୍ତରଣାଗାର ଠାନେ ୪ ନମ୍ବର୍ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ହେଇଯାଇଛେ । ପ୍ରତିଯୋଗିତାଥି ଶହେ ୫ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ । ଇଥି ସଫଲତା ପାଇଥିବା ପ୍ରତିଯୋଗୀମାନେ ଆଏବା ଦିନେ ହେବାର୍କେ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ଉତର୍‌ପଶ୍ଚିମ ବଙ୍ଗୋପ୍‌ସାଗର୍, ପଶ୍ଚିମବଙ୍ଗ୍ ଆର୍ ଓଡ଼ିଶାର୍ ସମୁଦ୍ର ଖଁଡ଼ି ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି  ସୁନ୍ଦର୍‌ଗଡ଼୍, ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ବର୍‌ଗଡ଼୍, ସୁବର୍ଣ୍ଣପୁର୍  ସହେତେ ୧୩ ଟା ଜିଲ୍ଲା ନ ଧୁକାଗର୍ଡ଼ି ଆଉ ଘଡ଼୍‌ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।